# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ଡୁଙ୍ଗୁରିପାଲି

## ବିଜ୍ଞାପନ

ସଂଖ୍ୟା ୨୯୪ ତାରିଖ ୦୪.୦୬.୨୦୨୬

ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା WCD-ICDS-G-MISC-୦୦୩୩-୨୦୨୨ ୪୯୭୦/ WCD ତାରିଖ ୧୫.୦୩.୨୦୨୩ ଅନୁସାରେ ଅଙ୍ଗନୱାଡି ସହାୟିକା ଚୟନ ପ୍ରକ୍ରିୟା ର ପ୍ରସଙ୍ଗ କ୍ରମେ ଏତଦ ଦ୍ୱାରା ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅନ୍ତର୍ଗତ ନିମ୍ନ ଲିଖିତ ଅଙ୍ଗନୱାଡି କେନ୍ଦ୍ର ର ସହାୟିକା ପଦବୀ ପୂରଣ ପାଇଁ ଉକ୍ତ କେନ୍ଦ୍ରାଞ୍ଚଳ ପରିସର ମଧ୍ୟରେ ବସବାସ କରୁଥିବା ଇଚ୍ଛୁକ ମହିଳା ପ୍ରାର୍ଥିନୀ ମାନଙ୍କ ତଥା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଯେ ନିମ୍ନଲିଖିତ ଅଙ୍ଗନୱାଡି କେନ୍ଦ୍ର ର ଅଙ୍ଗନୱାଡି ସହାୟିକା ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଥିବା ପ୍ରାର୍ଥିନୀ ମାନଙ୍କ ଠାରୁ ଏହି ବିଜ୍ଞାପନ ସହ ସଲଗ୍ନ କରାଯାଇଥିବା ନିର୍ଦ୍ଦିଷ୍ଟ online portal www.engagement-awc.odisha.gov.in ରେ ତା. ୦୫.୦୬.୨୦୨୬ ଠାରୁ ତା. ୧୯ .୦୬.୨୦୨୬ ମଧ୍ୟରେ ସମସ୍ତ ପ୍ରମାଣ ପତ୍ର ସହିତ ଆବେଦନ କରିବେ। ଆବେଦନ କରିବା ସମୟରେ ସମସ୍ତ ଆବଶ୍ୟକୀୟ ପ୍ରମାଣ ପତ୍ର ଉପରୋକ୍ତ online portal ରେ ଦାଖଲ କରି ନଥିଲେ ଆବେଦନ ପତ୍ର ନାକଚ କରାଯିବ । ସମୟ ସୀମା ସମାପ୍ତ ପରେ ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

ଏହି ସ୍ୱେଚ୍ଛାସେବି ପଦବୀ ପାଇଁ ସରକାରଙ୍କ ନିର୍ଦ୍ଧାରିତ ହାରାରେ ପାରିତୋଷିକ ପ୍ରଦାନ କରାଯିବ । ଏହିପାଇଁ ପ୍ରାର୍ଥିନୀ ଭବିଷ୍ୟତରେ ସରକାରୀ ପଦବୀ ବା ଦରମା ଦାବି କରିପାରିବେ ନାହିଁ । ନିମ୍ନ ସ୍ୱାକ୍ଷରକରି ଯେକୌଣସି ସମୟରେ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞପ୍ତି ଆଂଶିକ ବା ସମ୍ପୂର୍ଣ୍ଣ ନାକଚ କରିପାରିବେ । ପ୍ରାର୍ଥିନୀଙ୍କ ଠାରୁ ତା. ୦୫ .୦୬.୨୦୨୬ ଠାରୁ ତା. ୧୯ .୦୬.୨୦୨୬ ମଧ୍ୟରେ ମିଳିଥିବା ଦରଖାସ୍ତ ଗୁଡିକ ତା.୨୨ .୦୬.୨୦୨୬ ରିଖ ରେ ଯାଞ୍ଚ କରାଯିବ । ଉକ୍ତ ଦିନ ପ୍ରାର୍ଥିନୀ ମାନେ ସେମାନଙ୍କ ମୂଳ ପ୍ରମାଣ ପତ୍ର ସହ ଅତ୍ର କାର୍ଯ୍ୟଳୟରେ ଉପସ୍ଥିତ ରହି ମୂଳ ପ୍ରମାଣ ଯାଞ୍ଚ ନିମନ୍ତେ ପେସ କରିବେ।ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣ ପତ୍ର ପେସ କରି ନପାରିଲେ ଉକ୍ତ ଦରଖାସ୍ତ କୁ ବିଚାର ପାଇଁ ଗ୍ରହଣ କରାଯିବ ନାହିଁ । ସମସ୍ତ ଦରଖାସ୍ତ ଗୁଡିକ ମୂଳ ପ୍ରମାଣ ପତ୍ର ସହ ଯାଞ୍ଚ କଲାପରେ ଏକ ଯୋଗ୍ୟତା ଭିତ୍ତିକ ତାଲିକା ନିର୍ଦ୍ଧାରିତ online portal www.engagement-awc.odisha.gov.in ରେ ଏବଂ ସମ୍ପୃକ୍ତ କେନ୍ଦ୍ର/ ପଞ୍ଚାୟତ / ପଞ୍ଚାୟତ ସମିତି କାର୍ଯ୍ୟାଳୟର ନୋଟିସ ବୋଡ ରେ ଜନସାଧାରଙ୍କର ଅବଗତି ପାଇଁ ତା. 23.06.2026 ରିଖ ଦିନ ଚିଠା ପ୍ରକାଶନ କରାଯିବ।

ଉକ୍ତ ତାଲିକା ବିଷୟରେ କୌଣସି ଆପତ୍ତି ଅଭିଯୋଗ ଥିଲେ ସେ ବାବଦରେ ତା. 25.06.26 ଠାରୁ ତା. 01.7.26 ମଧ୍ୟରେ ଆପତ୍ତି ଅଭିଯୋଗ ଓ ତତ ସମ୍ପର୍କିତ ତଥ୍ୟାଭିତିକ ପ୍ରମାଣ ପତ୍ର ଲିଖିତ ଆକାରରେ ଉପୋରକ୍ତ online portal ରେ ଦାଖଲ କରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,
ଡୁଙ୍ଗୁରିପାଲି

# ଯୋଗ୍ୟତା

ଆବେଦନକାରିଣୀ ନିମ୍ନ ଲିଖିତ ନିୟମ ମାନ ପାଳନ କରି ପ୍ରମାଣ ପତ୍ର ଦାଖଲ କରିବେ । ନିୟମ ବହିର୍ଭୂତ କାଗଜାତ ଯୋଗ୍ୟ ହେବ ନାହିଁ ।

୧. ପ୍ରାର୍ଥିନୀ କେବଳ ମହିଳା ଶ୍ରେଣୀ ଓ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ର ପରିସୀମା ର ସ୍ଥାୟୀ ବାସିନ୍ଦା ହୋଇଥିବେ । ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ର ପ୍ରାର୍ଥିନୀ କୁ ସହାୟିକା ପଦବୀ ପାଇଁ ଆଗ୍ରାଧିକାର ଦିଆଯିବ । ଯଦି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରାଞ୍ଚଳ ରେ ଉପଯୁକ୍ତ ପ୍ରାଥୀନି ନ ଥାଆନ୍ତି ତା ହେଲେ ସମ୍ପୃକ୍ତ ଗ୍ରାମରୁ ଉପଯୁକ୍ତ ପ୍ରାର୍ଥିନୀ ଙ୍କୁ ବିଚାରକୁ ନି ଆଯିବ ।

୨. ପ୍ରାର୍ଥିନୀ ଙ୍କ ବୟସ ତା. ୦୧.୦୧. ୨୦୨୬ ସୁଦ୍ଧା ୧୮ ବର୍ଷ ରୁ କମ କିମ୍ବା ୩୫ ବର୍ଷରୁ ଅଧିକା ହୋଇ ନଥିବା

୩. ପ୍ରାର୍ଥିନୀ ଅତିକମ ରେ ଦ୍ୱାଦଶ ଶ୍ରେଣୀ ପାସ କରିଥିବା ଦରକାର । ତାଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ମାର୍କସିଟ ର ନମୁନା ଆବେଦନ ପତ୍ର ସହିତ ଅପଲୋଡ କରିବେ ।

୪. ଅନୁସୂଚିତ ଜାତି, ଜନଜାତି, ସ୍ୱାମୀ ପରିତ୍ୟକ୍ତା ମହିଳା, ବିଧବା , ଭିନ୍ନକ୍ଷମ ଏବଂ ଅନାଥ ପ୍ରାର୍ଥିନୀ ମାନଙ୍କୁ ନିୟମ ଅନୁସାରେ ଗ୍ରେସ ମାର୍କ (ଶତକଡା ମାର୍କ) ଦିଆଯିବ । ଏଥି ନିମନ୍ତେ ଉପଯୁକ୍ତ ପ୍ରମାଣ ପତ୍ର ଦରଖାସ୍ତ ସହ ଅପଲୋଡ କରିବେ ।

୫. ପ୍ରାର୍ଥିନୀ ଆବେଦନ ପତ୍ର ସହିତ ଆବଶ୍ୟକିୟ ସମସ୍ତ ପ୍ରମାଣ ପତ୍ର ଯଥା ଜାତିଗତ,ବୟସ, ବାସିନ୍ଦା , ଶିକ୍ଷାଗତ ଯୋଗ୍ୟତା ଆଦିର ପ୍ରମାଣପତ୍ର ଅପଲୋଡ କରିବେ । ବାସିନ୍ଦା ପ୍ରମାଣ ପତ୍ର ଏକ ବର୍ଷ ର ହୋଇଥିବ ।

୬. ଆବଶ୍ୟକ ଯୋଗ୍ୟତା ଥିବା ଏବଂ ଅନ୍ୟାନ୍ୟ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଅନାଥ, ବିଧବା, ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପ୍ରଥମିକତା ଦିଆଯିବା

୭. ସମସ୍ତ ପ୍ରମାଣପତ୍ର ଉପରୋକ୍ତ ୱେବସାଇଟ/ ପୋର୍ଟାଲ ରେ ଅପଲୋଡ ହୋଇଥିବା ଆବଶ୍ୟକ ।

୮. ପ୍ରାର୍ଥିନୀ ଓଡିଆ ଭାଷା ରେ କହି, ପଢି ଓ ଲେଖି ପାରୁଥିବେ ।

୯. ପ୍ରାର୍ଥିନୀ ଅଙ୍ଗନୱାଡି କେନ୍ଦ୍ର ରେ ପିଲାମାନ ଙ୍କୁ ରୋଷେଇ କରି ଖାଇବାକୁ ଦେବା ଏବଂ ଅଙ୍ଗନୱାଡି କେନ୍ଦ୍ର ର ଦୈନିକ କାର୍ଯ୍ୟ ରେ ଅଙ୍ଗନୱାଡି କର୍ମୀ ଙ୍କୁସାହାର୍ଯ୍ୟ କରିବାକୁ ଇଚ୍ଛୁକ ବୋଲି ଏକ ଅଙ୍ଗୀକାର ଚୁକ୍ତି ଦାଖଲ କରିବେ ।

ଆବେଦନ କରିଥିବା ପ୍ରାର୍ଥିନୀ ମାନେ ସେମାନଙ୍କର ତଥ୍ୟ ଉପୋରକ୍ତ online portal ମାଧମରେ ଦାଖଲ କରି ନଥିଲେ ଆବେଦନ ପତ୍ର କୁ ନାକଚ ଘୋଷଣା କରାଯିବ ।

ବି. ଦ୍ର. ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ବାକ୍ଷରକାରୀ ଉକ୍ତ ବିଜ୍ଞାପନ କୁ ସ୍ଥଗିତ କିମ୍ବା ରଦ୍ଦ କରିପାରିବେ ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ଡୁଙ୍ଗୁରିପାଲି

| କ୍ର° ନ° | ଗ୍ରାମ ପଞ୍ଚାୟତ ର ନାମ | କେନ୍ଦ୍ରର ନାମ | ଘର ନମ୍ବର | କେନ୍ଦ୍ରର ଅବସ୍ଥିତି |
|---|---|---|---|---|
| ୧. | ଗଜବନ୍ଧ | କୁସାଦାଦର | ଘର ନମ୍ବର ୦୧ ରୁ ୧୦୭ ପର୍ଯ୍ୟନ୍ତ | କୁସାଦାଦର ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ୦୧ ର ତକାରାବନ ଙ୍କ ଘର ଠାରୁ ସୁଶାନ୍ତ ସାହୁ ଙ୍କ ର ଘର ପର୍ଯ୍ୟନ୍ତ |
| ୨. | ବାଙ୍କିପାଲି | ବାଘହାଣ୍ଡି-1 | ଘର ନମ୍ବର ୦୧ ରୁ ୧୩୭ ପର୍ଯ୍ୟନ୍ତ | ବାଘହାଣ୍ଡି ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ୦୧ ର ହୃଷୀକେଶ ନାଏକ ଙ୍କ ଘର ଠାରୁ ୧୩୭ ଅନନ୍ତ ସାହୁ ଙ୍କ ଘର ପର୍ଯ୍ୟନ୍ତ |
| ୩ | ଚିନାକୁରୀ | ଚିନାକୁରୀ-୨ | ଘର ନମ୍ବର ୦୧ ରୁ ୪୭ ପର୍ଯ୍ୟନ୍ତ | ଚିନାକୁରୀ -୨ ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ର ୦୧ ତାର ସୁନା ଙ୍କ ଘର ଠାରୁ ୪୭ ବିକ୍ରମ ମେହେର ଙ୍କ ଘର ପର୍ଯ୍ୟନ୍ତ |
| ୪ | ସମଲେଇଛୁଆଁ | ସମଲେଇଛୁଆଁ-୩ | ଘର ନମ୍ବର ୦୧ ରୁ ୧୦୦ ପର୍ଯ୍ୟନ୍ତ | ସମଲେଇଛୁଆଁ -3 ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ର ୦୧ ଦାସ ଭୁଏ ଙ୍କ ଘର ଠାରୁ ୧୦୦ ନାରାୟଣ ସାହୁ ଙ୍କ ଘର ପର୍ଯ୍ୟନ୍ତ |
| 5 | ଗଜବନ୍ଧ | ବ୍ରହ୍ମାଣୀପାଳି-1 | ଘର ନମ୍ବର ୦୧ ରୁ ୯୮ ପର୍ଯ୍ୟନ୍ତ | ବ୍ରହ୍ମାଣୀପାଳି-1 ଅଙ୍ଗନବାଡି କେନ୍ଦ୍ରାଞ୍ଚଳ ର ୦୧ ପ୍ରତିମା ସାହୁ (ଥାପତି) ଙ୍କ ଘର ଠାରୁ ୯୮ ସନ୍ତୋଷ ପଣ୍ଡା ଙ୍କ ଘର ପର୍ଯ୍ୟନ୍ତ |

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଡୁଙ୍ଗୁରିପାଲି

ପରିପତ୍ର ସଂଖ୍ୟା ୫୧୬ ତାରିଖ ୦୪.୦୬.୨୦୨୫

ଏହାର ଏକକିତ ନକଲ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଡୁଙ୍ଗୁରିପାଲି ଘୋଷଣା ଫଳକରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଟଙ୍ଗାଗଲା ।
ଏହାର ଏକକିତ ନକଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡୁଙ୍ଗୁରିପାଲି ଙ୍କ ଅବଗତି ତଥା ବିଧି କାର୍ଯ୍ୟ ନିମତେ ପ୍ରେରଣା କରାଗଲା
ଏହାର ଏକକିତ ନକଲ ସମ୍ପୃକ୍ତ ପରିଦର୍ଶୀକା / ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଅବଗତି ଓ ବିଧିକାର୍ଯ୍ୟ ପାଇଁ ପ୍ରେରଣ କରାଗଲା ଏହାର ଏକକିତ ନକଲ ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ ଙ୍କ ଅବଗତି ତଥା କେନ୍ଦ୍ରାଞ୍ଚଳ ରେ ବହୁଳ ପ୍ରଚାର ନିମନ୍ତେ ଛପାଇବା ପାଇଁ ପ୍ରେରଣ କରାଗଲା ।
ଏହାର ଏକକିତ ନକଲ ସମ୍ପୃକ୍ତ ଗ୍ରାମର ସରପଞ୍ଚ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ସମ୍ପୃକ୍ତ ଗ୍ରାମ, ଗ୍ରାମପଞ୍ଚାୟତ ଓ କେନ୍ଦ୍ରାଞ୍ଚଳ ରେ ବହୁଳ ପ୍ରଚାର ନିମନ୍ତେ ଛପାଇବା ପାଇଁ ପ୍ରେରଣା କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଡୁଙ୍ଗୁରିପାଲି

ପରିପତ୍ର ସଂଖ୍ୟା ୫୧୭ ତାରିଖ ୦୪.୦୬.୨୦୨୫

ଏହାର ଏକକିତ ନକଲ ଉପ- ଜିଲ୍ଲାପାଳ, ସୋନପୁର ତଥା ଅଧକ୍ଷ , ଶିଶୁ ବିକାଶ ପ୍ରକଳ୍ପ , ଡୁଙ୍ଗୁରିପାଲି/ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁର ଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
ଡୁଙ୍ଗୁରିପାଲି